# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15 July – 2026

*********************************

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି ଘୋଷଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ରଥ ଓ ପଥ ପ୍ରସ୍ତୁତ; ଅପରାହ୍ନ ୪ଟାରୁ ଆରମ୍ଭ ହେବ ରଥଟଣା

– ଘଣ୍ଟଘଣ୍ଟା କାହାଳି ସହ ତିନି ରଥରେ ବିଜେ ହେଲା ଆଜ୍ଞାମାଳ; ସିଂହଦ୍ୱାର ସମ୍ମୁଖରେ ତିନିରଥ

- ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ଡିଜିଟାଲ ହୁଣ୍ଡି ସମର୍ପଣ ୱେବ ପୋର୍ଟାଲ ଓ ମୋବାଇଲ ଆପ୍‌ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

- 'କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଦକ୍ଷତା' ମାଧ୍ୟମରେ ଯୁବ ସଶକ୍ତୀକରଣର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଯୁବଦକ୍ଷତା ଦିବସ

– କଳିଙ୍ଗ ଷ୍ଟାଡିୟମ୍‌ଠାରେ ସ୍ୱତନ୍ତ୍ର ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିଛି ବର୍ଷା

# ରଥଯାତ୍ରା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ । ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ଆଜିଠାରୁ ଶ୍ରଦ୍ଧାଳୁଙ୍କୁ  ଭିଡ଼ ପରିଲକ୍ଷିତ ହେଲାଣି। ୧୫ ଦିନର ଅନବସର ବା ଜ୍ୱରରୁ ସୁସ୍ଥ ହେବା ପରେ ଗତକାଲି ମହାପ୍ରଭୁ ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ରଥଟଣା କାର୍ଯ୍ୟ ଓ ଆନୁଷଙ୍ଗିକ ରୀତିନୀତିକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଆସନ୍ତାକାଲି ଶ୍ରୀଗୁଣ୍ଡିଚା ଯାତ୍ରାକୁ ଦୃଷ୍ଟିରେ ରଖି ଆଜି ଶ୍ରୀଜିଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ମହାପ୍ରଭୁଙ୍କୁ ଦେଖିବା ପାଇଁ ରଥ ଓ ପଥ ପ୍ରସ୍ତୁତ ହୋଇସାରିଛି । ଆଷାଢ଼ ଶୁକ୍ଳ ପ୍ରତିପଦା ତିଥିରେ ଆଜି  ଶ୍ରୀଜିଉଙ୍କ ଉଭାଯାତ୍ରା ଅନୁଷ୍ଠିତ ହେଉଛି । ଘଣ୍ଟ, ଛତା, ବିଜେକାହାଳୀ ସହ ପଟୁଆରରେ ତିନି ପୂଜା ପଣ୍ଡା ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ବିଜେ କରିଛନ୍ତି। ସିଂହଦ୍ୱାର ସମ୍ମୁଖରେ ତିନିରଥ ପହଁଞ୍ଚିଛନ୍ତି। ପରମ୍ପରା ଅନୁଯାୟୀ ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରେ ବଡ଼ଭାଇ ବଳଭଦ୍ରଙ୍କ ତାଳଧ୍ୱଜ ଓ

ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଶ୍ରୀମନ୍ଦିର ସମ୍ମୁଖକୁ ଆସିଥିଲା। ଆସନ୍ତାକାଲି ବଡ଼ଦେଉଳରୁ ବିଶ୍ୱବିହାରୀ ବଡ଼ଦାଣ୍ଡକୁ ଆସିବେ। ଏ ନେଇ ଶ୍ରୀମନ୍ଦିରର ପ୍ରଶାସନ ପକ୍ଷରୁ ନୀତିନିର୍ଘଣ୍ଟ ତାଲିକା ଚୂଡ଼ାନ୍ତ କରାଯାଇଛି। ସକାଳ ୯ଟାରେ ରଥପ୍ରତିଷ୍ଠା, ସାଢ଼େ୯ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପହଣ୍ଡି, ମଧ୍ୟାହ୍ନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ପରେ ଅପରାହ୍ନ ୪ଟାରୁ ରଥଟଣା ଆରମ୍ଭ ହେବ।

ବିଶ୍ୱ କଲ୍ୟାଣ ପାଇଁ ବର୍ଷକରେ ଥରେ ନବଦିନାତ୍ମକ ଯାତ୍ରା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ’ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା’ ଶ୍ରୀ ସୁଦର୍ଶନଙ୍କୁ ସାଥିରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯିବାର ପରମ୍ପରା ଓ ରୀତିନୀତିରେ ମାନବୀୟ ଲୀଳାର ପ୍ରତିଫଳନ ଦେଖିବାକୁ ମିଳିଥାଏ। ପତିତମାନଙ୍କୁ ଉଦ୍ଧାର କରିବା ସହ ଭିନ୍ନଧର୍ମ ଓ ବିଶ୍ୱାସର ବ୍ୟକ୍ତିବିଶେଷଙ୍କୁ ବଡ଼ଦାଣ୍ଡରେ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରେ ଦର୍ଶନ ଦେଉଥିବାରୁ ଦେଶର କୋଣ ଅନୁକୋଣ, ଏପରିକି ବିଦେଶରୁ ଶ୍ରଦ୍ଧାଳୁଙ୍କ ସମାଗମ ଶ୍ରୀକ୍ଷେତ୍ରକୁ ଆଧ୍ୟାତ୍ମିକ ଚୁମ୍ବକତ୍ୱରେ ଆକର୍ଷିତ କରି ଦେଇଛି। ଏବେ ସଭିଁଙ୍କ ଅପେକ୍ଷା ଆସନ୍ତାକାଲିର ଘୋଷଯାତ୍ରାକୁ।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Desk

# ଡିଜିଟାଲ୍ ହୁଣ୍ଡି ସମର୍ପଣ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଶ୍ରୀଜଗନ୍ନାଥ ମନ୍ଦିର ଡିଜିଟାଲ୍ ହୁଣ୍ଡି ସମର୍ପଣ ୱେବ୍ ପୋର୍ଟାଲ୍ ଏବଂ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିବେ । ପୁରୀ ଶ୍ରୀଜଗନ୍ନାଥ ପ୍ରଶାସନ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

HS

# ବସ୍ ମୂଲ୍ୟ

ରଥଯାତ୍ରାରେ ଯାତ୍ରୀମାନଙ୍କ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ବସ୍‌ରେ ମୂଲ୍ୟ ତାଲିକା ଲଗାଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ତାଲିକାରେ ଦର୍ଶାଯାଉଥିବା ଭଡ଼ାଠାରୁ ଅଧିକ ନେଉଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଷ୍ଟାଲିନ୍ ଛକ, ମାଳତୀ ପାଟପୁର ଓ ତାଳବଣିଆରୁ ଆସୁଥିବା ଯାତ୍ରୀଙ୍କ ଠାରୁ କୌଣସି ଦେୟ ଆଦାୟ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

Kendrapada

# ରଥଯାତ୍ରା ବୈଠକ

କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ନିମନ୍ତେ ଜିଲ୍ଲାପାଳ ରଘୁରାମ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ

ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟତଃ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ନୀତିନିର୍ଘଣ୍ଟ, ରାସ୍ତାଘାଟ ମରାମତି, ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜନସ୍ୱାସ୍ଥ୍ୟ, ଜଳଯୋଗାଣ, ନିଶାନିବାରଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଟ୍ରାଫିକ କଟକଣା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ୧୨ଟି ଷ୍ଟଲ୍ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

Desk

## ବିଶ୍ୱ ଯୁବ ଦକ୍ଷତା ଦିବସ

ଯୁବପିଢ଼ିଙ୍କୁ ନିଯୁକ୍ତି ଓ ଉଦ୍ୟୋଗୀ କରିବା ଦିଗରେ ସଶକ୍ତ କରିବା ଲକ୍ଷ୍ୟ ନେଇ ପ୍ରତି ବର୍ଷ ଆଜିର ଦିନରେ ବିଶ୍ୱ ଯୁବଦକ୍ଷତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'କୃତ୍ରିମ ବୁଦ୍ଧିମତା ଓ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବସଶକ୍ତୀକରଣ' । ୨୦୧୪ ମସିହାରେ ଜାତିସଂଘ ସାଧାରଣ ପରିଷଦ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲା । ପରେ ୨୦୧୫ ମସିହାରୁ ବିଶ୍ୱବ୍ୟାପୀ ଏହା ପାଳିତ ହୋଇଆସୁଛି । ଦ୍ରୁତ ପରିବର୍ତ୍ତନଶୀଳ ଡିଜିଟାଲ ବିଶ୍ୱରେ ଯୁବପିଢ଼ିଙ୍କୁ କୃତ୍ରିମ ବୁଦ୍ଧିମତା, ଡିଜିଟାଲ ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ବୈଷୟିକ ଦକ୍ଷତାରେ ପାରଙ୍ଗମ କରି ଭବିଷ୍ୟତ ରୋଜଗାର ସୁଯୋଗ ସୃଷ୍ଟି ପାଇଁ ପଥପ୍ରଶସ୍ତ କରିବା ଉପରେ ଚଳିତ ବର୍ଷ ବିଶେଷ ଗୁରୁତ୍ୱ ଦିଆଯାଉଛି ।

ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ଦକ୍ଷତା ବିକାଶ ସମ୍ପର୍କିତ କର୍ମଶାଳା, ପ୍ରଶିକ୍ଷଣ ଶିବିର ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଯୁବପିଢ଼ିଙ୍କୁ ଦକ୍ଷ କରି ଏକ ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନରେ ସହଯୋଗ କରିବାକୁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି।

Desk

## ଯୁବ ଦକ୍ଷତା ଦିବସ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏହି ଦିବସ ଅବସରରେ ଏକ ସ୍ୱତନ୍ତ୍ର ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁଭାରମ୍ଭ କରିଥିଲେ। ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି, ଯୁବଶକ୍ତି ହେଉଛନ୍ତି ରାଜ୍ୟର ପ୍ରକୃତ ସମ୍ପଦ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଦକ୍ଷତା ବିକାଶ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବା ସହିତ ଯୁବବର୍ଗଙ୍କୁ ଦକ୍ଷ, ସଶକ୍ତ ଓ ଆତ୍ମନିର୍ଭର ଭାବେ ଗଢ଼ିତୋଳିବାକୁ ପ୍ରୟାସ ଜାରି ରହିଛି।

ଯୁବପିଢ଼ିଙ୍କ ଉନ୍ନତ କାର୍ଯ୍ୟ ଦକ୍ଷତା, ଶାରୀରିକ ସୁସ୍ଥତା ଓ ସୃଜନଶୀଳ ଚିନ୍ତାଧାରା ଆଗାମୀ ଦିନରେ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶାର ଭିତ୍ତିଭୂମି ସ୍ଥାପନ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।

ଅପରାହ୍ନରେ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏକ ରାଜ୍ୟସ୍ତରୀୟ ସମାରୋହର ଆୟୋଜନ କରାଯାଇଛି।

Desk

## ପାଠ୍ୟପୁସ୍ତକ ତ୍ରୁଟି

ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଆଜି ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ–ଏସ୍.ସି.ଇ.ଆର୍.ଟି.ରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଜାରି ରହିଛି। ଗତକାଲି ଏସ୍.ସି.ଇ.ଆର୍.ଟି.'ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଗିରଫ କରାଯାଇଥିଲା। ପୂର୍ବରୁ ଏହି ଘଟଣାରେ ତିନିଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବନ ଏବଂ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତ୍ରୁଟି ସମ୍ପର୍କିତ ସମଗ୍ର ପ୍ରକ୍ରିୟାର ଅପରାଧିକ ତଦନ୍ତ ଆରମ୍ଭ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ।

HS

## ପ୍ରକଳ୍ପ କାର୍ଯ୍ୟକାରିତା ବୈଠକ

ଭୁବନେଶ୍ୱର ଖାରବେଳ ଭବନଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିକାଶିତ ଓଡ଼ିଶା, ବିକଶିତ ଭାରତ ଲକ୍ଷ୍ୟରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କ୍ଷେତ୍ର ସମ୍ପର୍କିତ ପ୍ରମୁଖ ୨୫ଟି ପ୍ରକଳ୍ପର କାର୍ଯ୍ୟକାରିତା

ନେଇ ଆଲୋଚନା କରାଯାଇଛି । ଏଥିରେ ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ ।

Ganjam

## ଜିଲ୍ଲାସ୍ତରୀୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲ୍ଲାସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ଜଙ୍ଗଲ ଅଧିକାର ଆଇନରେ କାର୍ଯ୍ୟାନ୍ୱୟନ, ଅନୁସୂଚିତ ଜନଜାତି ଓ ପାରମ୍ପରିକ ବନବାସୀଙ୍କ ଅଧିକାର ସୁରକ୍ଷା, ବ୍ୟକ୍ତିଗତ ଓ ସାମୁଦାୟିକ ଜଙ୍ଗଲ ଅଧିକାର ସ୍ୱୀକୃତି ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧି, ନାଗରିକ ସମାଜ ସଂଗଠନ ଓ ସମ୍ପ୍ରଦାୟର ସଦସ୍ୟମାନେ ଅଂଶଗ୍ରହଣ କରି ଜଙ୍ଗଲ ଅଧିକାର ଆଇନର ସଫଳ କାର୍ଯ୍ୟାନ୍ୱୟନ ଉପରେ ମତବିନିମୟ କରିଥିଲେ ।

Ganjam

## ଅପରାଧ ସମୀକ୍ଷା ବୈଠକ

ଛତ୍ରପୁରସ୍ଥିତ ପୁଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ଏଥିରେ ଅଧ୍ୟକ୍ଷତା କରି ପୁରୁଣା ୱାରେଣ୍ଟ ଓ ବେଆଇନ କାର୍ଯ୍ୟ ଉପରେ ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ସାଇବର ଠକେଇ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଜେଲ୍ ଫେରନ୍ତା ଓ ବିଭିନ୍ନ

ଅପରାଧରେ ଜଡ଼ିତ ଥାଇ ବେଲ୍‌ରେ ଆସିଥିବା ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଶ୍ରୀ ବିଶି ଅଧିକାରୀମାନଙ୍କୁ କହିଥିଲେ। ବୈଠକରେ ଜିଲ୍ଲାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ କୁମାର ନାୟକ, ଡିଏସ୍‌ପି କଳ୍ପନା କାଉଁରୀଙ୍କ ସମେତ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ।

Ganjam

## ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ସଂକଳ୍ପ ବିଦ୍ୟାଳୟ ଉତ୍କର୍ଷ ଏବଂ ସମର୍ପଣ ଛାତ୍ରାବାସ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଶୁଭାରମ୍ଭ କରିଛନ୍ତି। ଏଥିରେ ସରକାରୀ ବିଦ୍ୟାଳୟ ଓ ଛାତ୍ରାବାସରେ ଶୈକ୍ଷିକ ଉତ୍କର୍ଷ, ଶୃଙ୍ଖଳା, ନେତୃତ୍ୱ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଗୁଣାତ୍ମକ ଶିକ୍ଷା ଓ ମୂଲ୍ୟବୋଧଭିତ୍ତିକ ପରିବେଶ ଦାୟିତ୍ୱବାନ ଓ ଆତ୍ମବିଶ୍ୱାସ ପିଢ଼ି ଗଠନର ମୂଳଆଧାର ବୋଲି ଜିଲ୍ଲାପାଳ କହିଥିଲେ। ସମସ୍ତ ଅଧିକାରୀ, ଶିକ୍ଷକ, ଛାତ୍ରାବାସ କର୍ମଚାରୀଙ୍କୁ ଏହାର ସଫଳ ରୂପାୟନ ପାଇଁ ସକ୍ରିୟ ସହଯୋଗ କରିବାକୁ ଶ୍ରୀ ଅଗ୍ରୱାଲ ପରାମର୍ଶ ଦେଇଥିଲେ।

Desk

## ପାଣିପାଗ

ଉତ୍ତର ବଙ୍ଗୋପସାଗରର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଉତ୍ତର ଓଡ଼ିଶା – ପଶ୍ଚିମବଙ୍ଗ ଉପକୂଳ ପାଖାପାଖି ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୭ ଦଶମିକ ୬ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ରହିଛି। ଏହା ଆଗାମୀ ଦୁଇଦିନ ମଧ୍ୟରେ ଉତ୍ତର ଓଡ଼ିଶା ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ–ଉତ୍ତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି।

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାନେଇ ଜଗତ୍‌ସିଂହପୁର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ୧୯ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ପୁରୀରେ ସର୍ବାଧିକ ୧୪୩ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।